ନୀତି ଭାରତୀ

ସଫଳତା ସୁଖର ଚାବିକାଠି ନୁହେଁ । ସୁଖ ହିଁ ସଫଳତାର ଚାବିକାଠି । ତୁମେ ଯେଉଁ କାମ କରୁଛ, ତାକୁ ଯଦି ଭଲ ପାଉଛ, ତା'ହେଲେ ତୁମେ ସଫଳ ହେବ । - ହରମାନ୍ କେନ୍

ଓଡ଼ିଆଙ୍କ ଭାଷା ଭାବନା

ଦୀପକ କାନୁନ୍‌ଗୋ

ଆଜି ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ଶେଷ ବେଳକୁ ଓଡ଼ିଆ ଭାଷା ବିଷୟରେ ଗଣମାଧ୍ୟମରେ ଯେଭଳି ଭାଳେଣି ପଡ଼ିଛି, ଏହି ଭାଷାର ଇତିହାସରେ ଏହାର ଦୃଷ୍ଟାନ୍ତ ନାହିଁ । ବଙ୍ଗାଳୀମାନେ ଯେତେବେଳେ ଓଡ଼ିଆ ଭାଷାକୁ ଲୋପ କରିବା ପାଇଁ ଚେଷ୍ଟା କରିଛନ୍ତି, ଇଂରେଜମାନେ ଯେତେବେଳେ ଏହାକୁ ବିକୃତ କରିଛନ୍ତି କିମ୍ବା ମରାଠାମାନେ ଯେତେବେଳେ ଏହାକୁ ହତାଦର କରିଛନ୍ତି, ସେତେବେଳେ ମଧ୍ୟ ଓଡ଼ିଆ ଭାଷା ବିଷୟରେ କେହି ଏଭଳି ଆତଙ୍କିତ ହୋଇପଡ଼ିଥିବାର ସିଦ୍ଧ ପ୍ରମାଣ ନାହିଁ, ଯାହା କେବଳ ଜନଶ୍ରୁତିରେ ନିହିତ । ଯେ କୌଣସି ଧରଣର ଆନ୍ଦୋଳନ ସବୁବେଳେ ସମ୍ବାଦପତ୍ରର ପୃଷ୍ଠା ତଥା ଟେଲିଭିଜନର ପର୍ଦ୍ଦାକୁ ସତେଜ ଓ ଚଳଚଞ୍ଚଳ ରଖୁଥିବାରୁ ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ଏହାର ବ୍ୟତିକ୍ରମ ଦେଖାଦେଇନାହିଁ । ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟ ଯୁଗରେ ବ୍ୟକ୍ତିଗତ ତଥା ସାମୂହିକ ପ୍ରଚାରର ଗୋଟାଏ ବଡ଼ ଉତ୍ସ ତଥା ମାଧ୍ୟମ ଓଡ଼ିଆ ଭାଷା ବୋଲି କେତେକ ବୁଦ୍ଧିମାନ ଲୋକ ସଠିକ୍ ଭାବରେ ଠଉରାଇ ନେଇ ଏହି ଭାଷା ପାଇଁ ଆଜି ହଠାତ୍ ଚିନ୍ତିତ ହୋଇ ପଡ଼ିଛନ୍ତି । ଯେଉଁ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି; ଯେଉଁ ଭାଷାର ଇତିହାସ ୨,୦୦୦ ବର୍ଷର ପୁରୁଣା ବୋଲି କୁହାଯାଉଛି; ଯେଉଁ ଭାଷାରେ ସାରଳା ଦାସ ନିଜ କୃତୀ ଲେଖିଦେଇ ଯାଇଛନ୍ତି, ଯେଉଁ ଭାଷାରେ ଜଣେ ଉପେନ୍ଦ୍ର, ଜଣେ ଫକୀର ମୋହନ, ଜଣେ ଗଙ୍ଗାଧର, ଜଣେ ରାଧାନାଥ, ଜଣେ ମଧୁସୂଦନ, ଜଣେ ଗୋପବନ୍ଧୁ ନିଜ ଅନନ୍ୟ ଭାବନାକୁ ପ୍ରକାଶ କରି ଯାଇଛନ୍ତି; ଯେଉଁ ଭାଷା ନିମନ୍ତେ ଜଣେ ପ୍ରହରାଜ ଓ ଜଣେ କାନୁନ୍‌ଗୋ ନିଜ ଜୀବନକୁ ନିବେଦନ କରିଦେଇ ଯାଇଛନ୍ତି, ସେହି ଭାଷା କ'ଣ ଆଜି ଏତେ ଦୁର୍ବଳ ଯେ ତାକୁ ଆମକୁ ରକ୍ଷା କରିବାକୁ ପଡ଼ିବ ?

ଭାରତର ଅନ୍ୟତମ ଶାସ୍ତ୍ରୀୟ ଭାଷା ଭାବରେ ଓଡ଼ିଆକୁ ଗଣାଯାଉଛି । ଶାସ୍ତ୍ରୀୟ ମାନ୍ୟତା ଲାଭ କରିବା ନିମନ୍ତେ ଗୋଟିଏ ଭାଷାର ଯେଉଁସବୁ ଯୋଗ୍ୟତା ରହିବାର ଆବଶ୍ୟକତା ରହିଛି, ତାହା ପୂରଣ କରୁ ଥିବାରୁ ୨୦୧୪ ମସିହା ଫେବ୍ରୁଆରୀ ମାସରେ ଭାରତ ସରକାର ଏହାକୁ ଏକ ଶାସ୍ତ୍ରୀୟ ବା ଉଚ୍ଚାଙ୍ଗ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି । ଏହା ପୂର୍ବରୁ କେବଳ ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମ ଭାଷାକୁ ଏଭଳି ସମ୍ମାନ ମିଳିଥିଲା । ଉଲ୍ଲେଖଯୋଗ୍ୟ ଯେ ଶାସ୍ତ୍ରୀୟ ବା ଉଚ୍ଚାଙ୍ଗ ଭାଷା ପଦବାଚ୍ୟ ହେବା ପାଇଁ ଗୋଟିଏ ଭାଷା ଅତି କମ୍‌ରେ ୧,୫୦୦ରୁ ୨,୦୦୦ ବର୍ଷର ପୁରାତନ ହୋଇଥିବା ଆବଶ୍ୟକ । ଓଡ଼ିଆ ଭାଷା କିନ୍ତୁ ୨,୫୦୦ ବର୍ଷରୁ ଅଧିକ ପୁରୁଣା ବୋଲି ପ୍ରମାଣିତ କରି ଦିଆଯାଇଛି । କୁହାଯାଉଛି ଯେ ଭରତ ମୁନି (ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ)ଙ୍କ 'ନାଟ୍ୟଶାସ୍ତ୍ର'ରେ ଓଡ଼ିଆ ଭଳି ଏକ ଭାଷାର ଉଲ୍ଲେଖ ରହିଥିଲା । କାଳକ୍ରମେ ଏହାର କାୟା ବିସ୍ତାରିତ ତଥା ବିକଶିତ ହୋଇ ସମ୍ରାଟ ଅଶୋକ ଏବଂ ସମ୍ରାଟ ଖାରବେଳଙ୍କ ସମୟରେ ରଚିତ ଶିଳାଲିପି ସମୂହରେ ସ୍ଥାନ ପାଇଥିଲା । ଏହା ବ୍ୟତୀତ ବୈଦିକ ଏବଂ ସଂସ୍କୃତ ସାହିତ୍ୟ ସାଙ୍ଗକୁ ବୌଦ୍ଧ, ଜୈନ ସାହିତ୍ୟରେ ମଧ୍ୟ ଓଡ଼ିଆ ବିଷୟରେ ଉଲ୍ଲେଖ ରହି ଥିବାରୁ ଏହାର ପ୍ରାଚୀନତା ବିଷୟରେ ସନ୍ଦେହ କରିବାର କୌଣସି ଅବକାଶ ନାହିଁ । ଏକଥା ମଧ୍ୟ କୁହାଯାଉଛି ଯେ ସିଂହଳ (ଆଜିର ଶ୍ରୀଲଙ୍କା), ବ୍ରହ୍ମଦେଶ (ଆଜିର ମ୍ୟାନ୍‌ମାର) ତଥା ଏସିଆ ମହାଦେଶର ଦକ୍ଷିଣ-ପୂର୍ବ ଅଂଶରେ ଥିବା ଅନେକ ଐତିହାସିକ କୀର୍ତ୍ତିରାଜି ତଥା ଶିଳାଲେଖରେ ମଧ୍ୟ ଓଡ଼ିଆ ଭାଷାର ପ୍ରାଚୀନତାର ଖୋଦେଇ ପ୍ରମାଣ ରହିଛି । ପରବର୍ତ୍ତୀ ଯୁଗରେ ଆଦିକବି ସାରଳା ଦାସଙ୍କ ସୃଷ୍ଟ 'ମହାଭାରତ' ଏବଂ ଆଧୁନିକ ଓଡ଼ିଆ ସାହିତ୍ୟ ମଧ୍ୟ ଏହି ଭାଷାଟିର ଉନ୍ନତ ପରମ୍ପରା ଓ ମୌଳିକ ଧାରାର ମୂକସାକ୍ଷୀ ।

ଓଡ଼ିଆ ଭାଷା
IncredibleOrissa.com

ପୂର୍ବରୁ କୁହାଯାଇଛି, ଗତ କେତେ ହଜାର ବର୍ଷ ତଳୁ ଓଡ଼ିଆ ଭାଷା ନିରବଚ୍ଛିନ୍ନ ଭାବରେ ନିଜର ମୌଳିକ ସ୍ଥିତି ନିଶ୍ଚୟ ବଜାୟ ରଖିଛି । କିନ୍ତୁ ମାନକ ବା 'ଷ୍ଟାଣ୍ଡାର୍ଡ' ଓଡ଼ିଆର ସଂଜ୍ଞା କ'ଣ ହେବା ଉଚିତ, ସେ ବିଷୟରେ ପଣ୍ଡିତମାନଙ୍କ ଭିତରେ, ସାହିତ୍ୟିକମାନଙ୍କ ଭିତରେ, ଭାଷା- ବିଶାରଦମାନଙ୍କ ଭିତରେ ଏ ପର୍ଯ୍ୟନ୍ତ ସହମତି ପ୍ରକାଶ ପାଇପାରି ନାହିଁ । ଆମକୁ କିନ୍ତୁ ସ୍ୱୀକାର କରିବାକୁ ପଡ଼ିବ ଯେ ଗୋଟିଏ ଶାସ୍ତ୍ରୀୟ ଭାଷା ହୋଇ ଥିବାରୁ ନିଜ ଘରେ ଓଡ଼ିଆ ଭାଷା ନିଜର ସତ୍ତା, ଅସ୍ତିତ୍ୱ, ଶୈଳୀ ଓ ଲକ୍ଷଣକୁ ବଜାୟ ରଖିବା ନିହାତି ଆବଶ୍ୟକ । ଏହି ଭାଷାର ଯଦି ବହୁଳ ବ୍ୟବହାର ନହୁଏ କିମ୍ବା ଉନ୍ନତ ସାହିତ୍ୟ ଏବଂ ଉନ୍ନତ ଜ୍ଞାନ ସୃଷ୍ଟି ପାଇଁ ଏହା ନିଜକୁ ପ୍ରସ୍ତୁତ ନକରେ, ତେବେ ଭବିଷ୍ୟତ ପାଇଁ ବିପଦ । ଓଡ଼ିଆ ଯେ ହେଉଛି ଜ୍ଞାନର ଭାଷା, ସେ କଥାର ପ୍ରମାଣ ଦେଉଛି ଏହି ଭାଷାରେ ସଦ୍ୟ ପ୍ରଣୀତ ଗୋଟିଏ ବିଶ୍ୱକୋଷ ସେଟ୍ । କିନ୍ତୁ ସମ ଧରଣର ଏକ ଅଭିଧାନ ପ୍ରଣୟନର ଆବଶ୍ୟକତାକୁ ମଧ୍ୟ ଅଣଦେଖା କରିହେବ ନାହିଁ । କେବଳ ସରକାରୀ ନଥିପତ୍ର ଓଡ଼ିଆରେ ହୋଇଗଲେ ଯେ ସବୁ ହୋଇଗଲା, ଏଭଳି ଭାବିବା ଭୁଲ୍ । ତେଣୁ ବର୍ତ୍ତମାନ ସମୟ ଆସିଛି, ଓଡ଼ିଆ ଭାଷାର ସ୍ଥାୟିତ୍ୱ, ସୁରକ୍ଷା କିମ୍ବା ଏହାର ସରକାରୀ ବ୍ୟବହାର ଉପରେ ଅଯଥା ଗୁରୁତ୍ୱ ନଦେଇ ଏହା କିଭଳି ବିକଶିତ ହୋଇ ପାରିବ, ଉପଯୁକ୍ତ ଶିକ୍ଷାର ମାଧ୍ୟମ ହୋଇ ପାରିବ, ଏଥିରେ କିଭଳି ଉପଯୁକ୍ତ ସାହିତ୍ୟ ସୃଷ୍ଟି କରାଯାଇ ପାରିବ ଏବଂ ସର୍ବୋପରି ଏହାର କିଭଳି ସାମର୍ଥ୍ୟ ବୃଦ୍ଧି କରାଯାଇ ପାରିବ, ସେ ଦିଗରେ ଉଦ୍ୟମ କରିବା ଆବଶ୍ୟକ । ଏଭଳି କରିବା ହିଁ ହେବ ଓଡ଼ିଆ ଜାତି ପକ୍ଷରେ ଦାୟିତ୍ୱପୂର୍ଣ୍ଣ ଆଚରଣର ପରିପ୍ରକାଶ । ସବୁ କଥାରେ ସରକାରଙ୍କୁ ଦୋଷ ଦେବା କିମ୍ବା ହତାଶା ଭାବ ପ୍ରକଟ କରିବାର କୌଣସି କାରଣ ନାହିଁ । କେବଳ କିଛି ଲୋକଙ୍କ ଉଦ୍ୟମ ଫଳରେ ଓଡ଼ିଆ ଭାଷାର ବିକାଶ ହୋଇ ପାରିବ ନାହିଁ; ଏହା ହୋଇ ପାରିବ ଯଦି ପ୍ରତ୍ୟେକଟି ଓଡ଼ିଆ ଏ ଦିଗରେ ଯଥାସାଧ୍ୟ କାମ କରିବେ ।

ଆମ ସମସ୍ତଙ୍କୁ ବୁଝିବାକୁ ପଡ଼ିବ ଯେ ରାଜନୀତିଜ୍ଞମାନଙ୍କ ପାଖରେ ଭାଷାକୁ ନେଇ ପହଞ୍ଚାଇବାର କୌଣସି ଯଥାର୍ଥତା ନାହିଁ । ଏହାଦ୍ୱାରା ଆମେ ଆମ ମାତୃଭାଷାକୁ ହୀନ କରିଦେଉଛୁ । କାରଣ ଭାଷା ହେଉଛି ଏମାନଙ୍କ ଉପରେ । ଆହୁରି ମଧ୍ୟ ନିଜର ବୃତ୍ତିଗତ ସ୍ୱାର୍ଥ ତଥା ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ସେମାନେ ପ୍ରାୟତଃ ସମସ୍ତ କାମ କରିଥାନ୍ତି । ଓଡ଼ିଶା ଭଳି ରାଜ୍ୟରେ ଭାଷା କାହାକୁ ନିର୍ବାଚନ ଯୁଦ୍ଧରେ ହରାଇ ପାରିବ ନାହିଁ କିମ୍ବା ଜିତାଇ ପାରିବ ନାହିଁ ବୋଲି ରାଜନୀତିଜ୍ଞମାନେ ଭଲ ଭାବରେ ଜାଣିଛନ୍ତି । ଏକଥା ଅବଶ୍ୟ ସତ ଯେ ରାଜନୀତିଜ୍ଞମାନଙ୍କୁ ବାଦ୍ ଦେଇ କୌଣସି ଏକ ସ୍ୱାଧୀନ ଦେଶରେ କାମ କରିବା ମଧ୍ୟ ଅସମ୍ଭବ । ତେଣୁ କେବଳ ଆବଶ୍ୟକ ସ୍ଥଳେ ସେମାନଙ୍କ ସାହାଯ୍ୟ ନିଆଯାଉ । ବିଗତ 'ଶିଶୁ ଦିବସ' ଦିନ ମୁଖ୍ୟମନ୍ତ୍ରୀ ନବୀନବାବୁ ପିଲାମାନଙ୍କ ଉଦ୍ଦେଶ୍ୟରେ ହେଉ ପଛେ ଯେଉଁସବୁ କଥା କହିଛନ୍ତି, ତାଙ୍କ ସରକାର ଯଦି ସେସବୁକୁ ପ୍ରକୃତ ପକ୍ଷରେ କାର୍ଯ୍ୟକାରୀ କରନ୍ତି, ତେବେ ହୁଏତ ଗୋଟାଏ ନୂଆ ଅଭିଯାନର ସୂତ୍ରପାତ ହୋଇଯିବ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର ଏ ଧରଣର ଘୋଷଣାସବୁ ପ୍ରାୟତଃ ଅମଲାତାନ୍ତ୍ରିକ ପର୍ଯ୍ୟାଲୋଚନା ସ୍ତରରେ ମୃତ୍ୟୁବରଣ କରିଥାଏ ଏବଂ ସେ ବିଷୟରେ ଅଭିଜ୍ଞ ଲୋକେ ଜାଣନ୍ତି । ■

ଅଧ୍ୟକ୍ଷ, ବିନୋଦ କାନୁନ୍‌ଗୋ ଓଡ଼ିଆ- ଭାଷା ଉତ୍କର୍ଷ କେନ୍ଦ୍ର, ଭୁବନେଶ୍ୱର

dkbk14@hotmail.com

ରିହାତି... ନିହାତି...

ସଂଗ୍ରାମ କେଶରୀ ପୃଷ୍ଟି

ଆମର ଦୈନନ୍ଦିନ ଜୀବନରେ କୌଣସି ନା କୌଣସି କ୍ଷେତ୍ରରେ କାର୍ଯ୍ୟ ନିମିତ୍ତ ଯେତେବେଳେ ଆମକୁ ଖର୍ଚ୍ଚ କରିବାକୁ ପଡ଼ିଥାଏ, ସେତେବେଳେ ଯାହା ନିହାତି ମନକୁ ଆବୋରି ବସେ, ତାହା ହେଉଛି ରିହାତି; ଛାଡ଼-ଗୋଟିଏରେ ଗୋଟିଏ ମାଗଣା, ମାଲାମାଲ୍ ଅଫର, ଇନ୍‌ଷ୍ଟାଲମେଣ୍ଟ ଆଦି ବିଭିନ୍ନ ରୂପରେ ଏହାକୁ ଦେଖିବାକୁ ମିଳିଥାଏ । ଏହି ରିହାତି ପଛରେ କମ୍ପାନୀ ବା ବ୍ୟବସାୟ ସଂସ୍ଥାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ବ୍ୟବସାୟିକ ସଫଳତା । ତେଣୁ ସେମାନେ ଲଲିପପ୍ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟାରେ ଲାଗି ରହନ୍ତି । ଆଉ ସବୁଠୁ ବଡ଼କଥା ହେଉଛି, ଆମେ ମଧ୍ୟ ଏହାର ମାୟାଜାଲରେ ଫସିଯାଇ ସାମଗ୍ରୀର ଗୁଣବତ୍ତାକୁ ଭୁଲିଯାଉ । ଆବଶ୍ୟକ ନଥାଇ ମଧ୍ୟ ରିହାତି ମୂଲ୍ୟରେ ଜିନିଷ କିଣି ନିଜକୁ କୃତକୃତ୍ୟ ମନେକରୁ । ତେବେ ତଳେଇକି ଦେଖିଲେ ବୁଝା ପଡୁଛି ଯେ ଆମେ ରିହାତି ନାଁରେ ଅନ୍ଧାରରେ ବାଡ଼ି ବୁଲାଉଛେ କେବଳ ।

ପୂଜା ପାର୍ବଣ ଅବସରରେ କମ୍ପାନୀ, ସପିଙ୍ଗ୍ ମଲ୍‌ରେ ଅଫର୍ ବା ରିହାତିର ବହୁଳତା ଦେଖିବାକୁ ମିଳିଥାଏ । ସେ ମନଲୋଭା ରିହାତିର ଲୋଭ ସମ୍ବରଣ କରି ନପାରି ଫାଇଦା ନାଁରେ ଯାହା ହାସଲ କରାଯାଏ, ତାହା ଧୂଆଁବାଣ ଛଡ଼ା ଆଉ କିଛି ବି ନୁହେଁ । ସାଧାରଣ କଥାଟିଏ ଲକ୍ଷ୍ୟ କରିବାର କଥା । ସାମଗ୍ରୀ କ୍ରୟ ପରେ ସେସବୁ ଆଣିବା ପାଇଁ ଯେଉଁ ପଲିଥିନ୍ ବ୍ୟାଗ୍ ଖଣ୍ଡିକ ଦିଆଯାଏ, ତା' ମୂଲ୍ୟ ମଧ୍ୟ ଗ୍ରାହକଙ୍କଠାରୁ ନିଆଯାଏ । ତାହା ପୁଣି ସମ୍ପୃକ୍ତ ସଂସ୍ଥାର ବିଜ୍ଞାପନରେ ଭର୍ତ୍ତି ହୋଇ ଯାଇଥାଏ । ଏଠି ପ୍ରଶ୍ନ ଉଠେ, ଯେଉଁ ସପିଙ୍ଗ୍ ମଲ୍ ବା କମ୍ପାନୀ ତା' ସାମଗ୍ରୀକୁ ଏତେ ରିହାତିରେ ଦେଇ ପାରିଲା, ସେ ତା' ସଂସ୍ଥାର ବିଜ୍ଞାପନଯୁକ୍ତ ପଲିଥିନ୍ ବ୍ୟାଗ୍‌ଟିକୁ ମାଗଣାରେ ଦେଇ ପାରିଲା ନାହିଁ କେମିତି ?

ସତ କହିବାକୁ ଗଲେ, ରିହାତି ଶବ୍ଦଟି ଆମ ରକ୍ତରେ ଏମିତି ସଞ୍ଚରି ଯାଇଛି ଯେ ଆମେ ଯେତେ ଚେଷ୍ଟା କଲେ ମଧ୍ୟ ଏଥିରୁ ମୁକୁଳି ପାରୁନୁ । ଶିକ୍ଷା, ସ୍ୱାସ୍ଥ୍ୟ ପରି ମର୍ଯ୍ୟାଦାଜନକ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ମଧ୍ୟ ଏଥିରୁ ବାଦ୍ ଯାଉନାହିଁ । ଆମ ରାଜ୍ୟରେ ଛତୁ ଫୁଟିଲା ପରି ଏତେ ଶିକ୍ଷାନୁଷ୍ଠାନ ଖୋଲୁଛି ଯେ ତାହା ସରକାରଙ୍କ ହିସାବ ଖାତାରେ ଥିବ କି ନଥିବ, ସନ୍ଦେହ । ସେମାନେ ଏବେ ସିଧାସଳଖ ପହଞ୍ଚି ଯାଉଛନ୍ତି ଅଭିଭାବକଙ୍କ ପାଖେ. ଆଉ ଦେଖାଉଛନ୍ତି ରିହାତିର ଲୋଭ । ଅନ୍ୟ କୋଚିଂ ସେଣ୍ଟର ଓ ଶିକ୍ଷାନୁଷ୍ଠାନ ଅପେକ୍ଷା ସେମାନେ କେତେ ସୁବିଧା ସୁଯୋଗ ଦେଉଛନ୍ତି ଆଉ କେତେ ପ୍ରତିଶତ ରିହାତି ଦେଉଛନ୍ତି, ସେକଥା ସିଧାସଳଖ ଘୋଷଣା କରୁଛନ୍ତି । ଅଭିଭାବକଙ୍କ ମାନସିକତାକୁ ପରଖି ସେମାନେ ରିହାତିର ପରିମାଣ ବଢ଼ାଇବାକୁ ପଛଘୁଞ୍ଚା ଦେଉନାହାନ୍ତି । ରିହାତିରେ ସାମର୍ଥ୍ୟ ଦେଖାଉ ଥିବା ଏହି ଶିକ୍ଷାନୁଷ୍ଠାନ ଅଭିଜ୍ଞ ଓ ଯୋଗ୍ୟତାସମ୍ପନ୍ନ ଶିକ୍ଷକଙ୍କୁ ବାସ୍ତବରେ କେତେଦୂର ନିଯୁକ୍ତି ଦେଉଛନ୍ତି, ତାହା ଦେଖିଲେ ହିଁ ଜଣା ପଡ଼ିବ । ଏ କ୍ଷେତ୍ରରେ ଶିକ୍ଷାର ଗୁଣାତ୍ମକ ମାନ ନେଇ ସନ୍ଦେହ ସୃଷ୍ଟି ହେଉଛି । ଏଠି ଚିନ୍ତା କରିବାର କଥା, ରିହାତିର ମରୀଚିକା ପଛରେ ଧାଇଁ ଆମେ ଆମ ପିଲାର ସୁନ୍ଦର ଭବିଷ୍ୟତକୁ ନିଜ ହାତରେ ମାରି ଦେଉ ନାହାନ୍ତି ତ !

ଆଜିକାଲି ବେସରକାରୀ ଡାକ୍ତରଖାନାମାନଙ୍କରେ ବିଭିନ୍ନ ରୋଗର ଅପରେସନ ପାଇଁ ରିହାତିରେ ଚାଲିଛି ପ୍ୟାକେଜ୍ ବ୍ୟବସ୍ଥା । ନିର୍ଦ୍ଦିଷ୍ଟ ରୋଗର ଅସ୍ତ୍ରୋପଚାର ନିମିତ୍ତ ଉଦ୍ଦିଷ୍ଟ ପ୍ୟାକେଜ୍‌ର ମୂଲ୍ୟ ଓ ଅନ୍ୟଠୁ କେତେ ରିହାତି, ସେକଥାକୁ ଗୁରୁତ୍ୱ ଦେଇ ଆମେ ପକ୍ଷାନ୍ତରେ ରୋଗୀକୁ ମୃତ୍ୟୁ ମୁଖକୁ ଠେଲି ଦେଉଥାଉ । ଅଥଚ ସେଠାରେ ଅପରେସନ କରୁଥିବା ଡାକ୍ତର ଓ ଆବଶ୍ୟକୀୟ ସୁବିଧା ସୁଯୋଗକୁ ଜାଣିବାର ଆଗ୍ରହ ଆମ ଭିତରେ ନଥାଏ । ଆମ ଆଖି ଆଗରେ ନାଚୁଥିବା ଗୋଟିଏ ଦୃଶ୍ୟ ହେଉଛି- ରିହାତି ।

ଆମ ମାନସିକତା ଏତେ ନିମ୍ନ ଓ ରୁଗ୍‌ଣ ହେବାକୁ ବସିଲାଣି ଯେ ରିହାତି ଏକ ସାଧାରଣ ପ୍ରସଙ୍ଗ ପାଲଟି ଗଲାଣି । ପ୍ରତ୍ୟେକଟି କ୍ଷେତ୍ରରେ ଆମର ନିହାତି ଦରକାର ହେଉଛି ରିହାତି । ସବୁଠୁ ବିଡ଼ମ୍ବନାର କଥା ହେଉଛି, ଟାଣ ଖରାରେ ଗମ୍‌ଗମ୍ ହୋଇ ନିଗିଡ଼ି ପଡୁଥିବା ଝାଳକୁ ଏକାକାର କରି ରିକ୍ସା ଟାଣୁଥିବା ଲୋକଟି ପାଖରୁ ବି ଆମେ ନିର୍ଲଜ ଭାବରେ ରିହାତି ହାତେଇବାକୁ ପଛଘୁଞ୍ଚା ଦେଇ ନଥାଉ । ଲକ୍ଷ୍ୟସ୍ଥଳରେ ରିକ୍ସା ଦ୍ୱାରା ଯଥା ସମୟରେ, ନିର୍ବିଘ୍ନରେ ପହଞ୍ଚି ସାରିଲା ପରେ ମଧ୍ୟ ଟଙ୍କା କେଇଟା ରିହାତି ପାଇଁ ରିକ୍ସାବାଲା ସହିତ ଝଗଡ଼ା କରିବା କି ବିକୃତ ମାନସିକତା ସତରେ ! ସେମିତି ବସ୍ ଯାତ୍ରା କାଳରେ ମଧ୍ୟ ଭଡ଼ା ପଇସାକୁ କେନ୍ଦ୍ର କରି କଣ୍ଡକ୍ଟରଙ୍କ ସହିତ ଏତେ ଲୋକଙ୍କ ଉପସ୍ଥିତିରେ ଯୁକ୍ତିତର୍କ ମଧ୍ୟ କରିବା ଆମର ଦେହସୁହା ହୋଇ ଗଲାଣି । ରାସ୍ତାରେ ଗାଡ଼ି ଗଡ଼ିବାର ଧକଡ଼ଚକଡ଼ଠାରୁ ରିହାତି ପାଇଁ କଣ୍ଡକ୍ଟରଙ୍କ ସହିତ ଧକଡ଼ ଚକଡ଼ ଅଧିକ ଚାଲେ । ଏସବୁ କଲାବେଳେ ଆମେ ଯେ ଆମ ମାନସମ୍ମାନକୁ ଅଲକ୍ଷ୍ୟରେ ତଳେ ପକାଇ ଦେଉ, ସେକଥା ଜଣାପଡ଼େ ନାହିଁ । ଗୁପ୍‌ଚୁପ୍ ଖାଇଲା ବେଳେ ଗରିବ ଗୁପ୍‌ଚୁପ୍‌ବାଲା ପାଖରେ ରିହାତି ଭାବରେ ଆଉ ଗୋଟେ ଦୁଇଟା ଶୁଖିଲା ଖାଇବାକୁ ଜିଦ୍ କରୁ, ଅଥଚ ରେଷ୍ଟୁରାଣ୍ଟରେ ଏସି ସହିତ ପୂରା ବିଲ୍ ସସମ୍ମାନେ ପୈଠ କରୁ । ଗରିବ ରିକ୍ସାବାଲା ସହିତ ଟଙ୍କା କେଇଟା ପାଇଁ ଝଗଡ଼ା କରୁ, ଅଥଚ ଫ୍ଲାଇଟ୍ ବା ଟ୍ରେନ୍‌ରେ ବହୁ ପୂର୍ବରୁ ସ୍ଥାନ ସଂରକ୍ଷିତ କରି ରଖୁ ।

ରାତି ପାହିଲା କ୍ଷଣି ଅନେକ ଚିତ୍ର ଓ ଚରିତ୍ରଙ୍କ ସହିତ ପ୍ରତ୍ୟହ ଆମର ସାକ୍ଷାତ ହୁଏ । କେତେ ପରିଶ୍ରମ କରି ବାଡ଼ି ବଗିଚାରେ ପନିପରିବା ଉତ୍ପାଦନ କରି ପୁଣି ତାକୁ ମୁଣ୍ଡେଇ ଆମ ଦୁଆରେ ପହଞ୍ଚାଉଥିବା ସେଇ ଲୋକଟି ପାଇଁ ଆମର ସାମାନ୍ୟତମ ଦରଦ ନଥାଏ, ବରଂ ଥାଏ ରିହାତି ନେବାର ମାନସିକତା । ଦଶଟଙ୍କାର ଜିନିଷକୁ ତାଠୁ ପାଞ୍ଚଟଙ୍କାରେ ନେବା ପାଇଁ ଅଡ଼ି ବସୁ । ଏପରିକି ଓଜନ ସରିଲା ପରେ ମଧ୍ୟ ଆଉ ଗୋଟେ ଦୁଇଟା ଜିନିଷ ଝୁଡ଼ିରୁ ହାତ ଭର୍ତ୍ତିକରି ନେବାରେ କୁଣ୍ଠାବୋଧ କରୁନା । ତା' ପରିଶ୍ରମର ମୂଲ୍ୟ ବୁଝିବାକୁ ମାନସିକତା ଆମ ଭିତରେ ନଥାଏ, କାହିଁକି ନା ରିହାତି ଯେ ଆମର ନିହାତି ଦରକାର !

ଫେରିବାଲା, ଶଙ୍ଖାବାଲା, ଶୁଖୁଆବାଲା, ମୁଢ଼ିବାଲା, ଆଇସ୍‌କ୍ରିମ୍‌ବାଲା, ଶୂନ୍‌ପାମ୍ପୁଡ଼ିବାଲା, ଖେଳଣାବାଲା ଏପରିକି ଆମର ସେବା କରୁଥିବା ରଜକ, ନାପିତଙ୍କ ପାଖରୁ ବି ରିହାତି ମାଗିବା ଆମର ଅଭ୍ୟାସରେ ପଡ଼ି ଗଲାଣି, କାହିଁକି ନା ଏମାନଙ୍କ ପାଖରେ ମନା କରିବାର ଚାରା ହିଁ ନଥାଏ । ଏ ବିକ୍ରିରୁ ହିଁ ଚଳେ ତାଙ୍କ କୁଟୁମ୍ବ । ଜିନିଷ ବିକ୍ରି ନହେଲେ ପିଲାଛୁଆଙ୍କ ପେଟ ଖାଲି ରହିପାରେ । ଅଗତ୍ୟା କର୍ମକୁ ଆଦରି, ମନର ଦୁଃଖକୁ ମନରେ ମାରି ସେମାନେ କିଛିଟା ରିହାତି ଦେବାକୁ ବାଧ୍ୟ ହୁଅନ୍ତି । ଅଥଚ ଆମେ ସେମାନଙ୍କଠାରୁ ଫାଇଦା ନେଇ ବାହାସ୍ଫୋଟ ମାରୁ । ସରକାରୀ କାର୍ଯ୍ୟରେ ମଧ୍ୟ କିଛି ସରକାରୀ କର୍ମଚାରୀଙ୍କ ରିହାତି ମାନସିକତା ଦେଖି ଆଶ୍ଚର୍ଯ୍ୟ ଲାଗେ । କୌଣସି ସାମଗ୍ରୀ ପାଇଁ ସରକାରଙ୍କ ତରଫରୁ ଧାର୍ଯ୍ୟ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ସେମାନେ ବ୍ୟକ୍ତିଗତ ସ୍ୱାର୍ଥ କାରଣରୁ ସମ୍ପୃକ୍ତ ବ୍ୟବସାୟ ସଂସ୍ଥାଠାରୁ ଅଧିକ ମାତ୍ରାରେ ରିହାତି ଖୋଜି ବସନ୍ତି । ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଏହି ମଉକାରେ ନିମ୍ନ ମାନର ସାମଗ୍ରୀ ଯୋଗାଇ ଅଧିକ ରିହାତି ଅଜାଡ଼ି ଦିଅନ୍ତି । ଲାଭାନ୍ୱିତ ହୁଅନ୍ତି ଉଭୟ ପକ୍ଷ, କିନ୍ତୁ କ୍ଷତିଗ୍ରସ୍ତ ହୁଅନ୍ତି ଉପଭୋକ୍ତା । ସରକାରୀ ଯୋଜନାରେ ବିଦ୍ୟାଳୟମାନଙ୍କୁ ପାଠାଗାର ପାଇଁ ବହି ଓ ପିଲାଙ୍କ ପାଇଁ ପୋଷାକ କ୍ରୟ ନିମନ୍ତେ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା ଥିଲା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ରିହାତି ମାନସିକତା କାରଣରୁ ଏଥିରେ ଗୁଣବତ୍ତା ପରିଲକ୍ଷିତ ହୁଏ ନାହିଁ । ସରକାରଙ୍କ ମହତ ଉଦ୍ଦେଶ୍ୟ ସାଧନ କରିବାରେ ପ୍ରତିବନ୍ଧକ ସାଜନ୍ତି ଏହି ସରକାରୀ କର୍ମଚାରୀମାନେ । ଧିକ୍ ତାଙ୍କ ଏ ରିହାତି ମାନସିକତାକୁ !

ରିହାତି ମାଗିବାର ଅର୍ଥ ହେଉଛି ଆମେ ପ୍ରକାରାନ୍ତରେ ଅନ୍ୟାୟ କରିବାକୁ ସୁଯୋଗ ଦେଉଛୁ । ଭୋକିଲା, ଅସହାୟ, ଗରିବଙ୍କୁ ସାହାଯ୍ୟ କରିବା ବଦଳରେ ତାଙ୍କଠୁ ବି ଲୁଣ୍ଠନ କରୁଛୁ । ରିହାତିର ଲୋଭ ଦେଖାଉଥିବା ବ୍ୟକ୍ତି ବା ସଂସ୍ଥାଠାରୁ ଦୂରେଇ ରହିବା ବିଧେୟ । ତାଙ୍କ ରିହାତିର କାରଣ ଜାଣିବା ବି ଆମର ଏକାନ୍ତ ଆବଶ୍ୟକ । ଆମ ରିହାତି ମାନସିକତାରେ ପରିବର୍ତ୍ତନ ନ ଘଟିଲେ ଅନ୍ୟାୟ, ଅନୀତି ବଢ଼ିବ ହିଁ ବଢ଼ିବ । ଏହା କ୍ରମଶଃ ଆମକୁ ଓ ଆମ ସମାଜକୁ ପ୍ରଦୂଷିତ ଓ କଳଙ୍କିତ କରିବାରେ ପଛଘୁଞ୍ଚା ଦେବ ନାହିଁ । ଆମର ଏ ରିହାତି ମାନସିକତା କାରଣରୁ ସବୁକିଛି କଳୁଷିତ ହୋଇଗଲା ପରେ ପରବର୍ତ୍ତୀ ପିଢ଼ି ଆମକୁ କ୍ଷମା ଦେବେ ତ ?- ଏହା ହିଁ ବର୍ତ୍ତମାନର ପ୍ରଶ୍ନ । ■

ଶିକ୍ଷକ, କିଶୋରନଗର ହାଇସ୍କୁଲ
ସା/ପୋ: ରାଜକିଶୋରନଗର, ଅନୁଗୁଳ
ମୋ: ୯୪୩୭୫୪୭୧୪୬

ନିତିଦିନ
NITIDIN
ଗୁରୁବାର, ୭ ଡିସେମ୍ବର ୨୦୧୭

ନବ ଭାରତ ସୂତ୍ର

କ୍ୟାବିନେଟ୍ ଅନୁମୋଦନ ଲାଭ କରିବାର ମାତ୍ର ପାଞ୍ଚଦିନ ମଧ୍ୟରେ ପଞ୍ଚଦଶ ଅର୍ଥ କମିଶନ ସ୍ଥାପନ କରିବାକୁ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିବାକୁ ଆଗେଇ ଆସିଛନ୍ତି । ପୂର୍ବତନ ରାଜସ୍ୱ ସଚିବ ତଥା ରାଜ୍ୟସଭା ସଦସ୍ୟ ଏନ୍ କେ ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସାମ୍ବିଧାନିକ କମିଟି ଏକ ଆର୍ଥିକ ନକ୍ସା ପ୍ରସ୍ତୁତ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ସମ୍ବଳର ଆବଣ୍ଟନ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବ । ଏହା ମଧ୍ୟ ଦେଶର ଅର୍ଥନୀତିର ବର୍ତ୍ତମାନର ଅବସ୍ଥା, ଆର୍ଥିକ ନିଅଣ୍ଟ, ଋଣର ସ୍ତର, ଆର୍ଥିକ ଭାରସାମ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆର୍ଥିକ ଶୃଙ୍ଖଳାର ଉଦ୍ୟମର ସମୀକ୍ଷା କରିବ । ଗତ ସୋମବାର ଦିନ କମିଶନର ଅଧ୍ୟକ୍ଷ ଏହାର ସର୍ତ୍ତାବଳୀଗୁଡ଼ିକର ବହୁବିଧ ପରିସର ସମ୍ବନ୍ଧରେ ପ୍ରାରମ୍ଭିକ ଆଲୋଚନା କରି ସାରିଛନ୍ତି ଏବଂ ଖୁବ୍ ଶୀଘ୍ର ସମସ୍ତ ପ୍ରଶାସନିକ ସ୍ତର ଏବଂ ରାଜନୀତିକ ଦଳମାନଙ୍କ ସହିତ ଏ ସମ୍ବନ୍ଧରେ ପରାମର୍ଶ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । କମିଶନ ୨୦୧୯ ଅକ୍ଟୋବର ୩୦ ତାରିଖ ସୁଦ୍ଧା ତାଙ୍କର ରିପୋର୍ଟ ପ୍ରଦାନ କରିବାକୁ ସ୍ଥିରୀକୃତ ହୋଇଛି । ଏହାପରେ ସରକାର ଏହି ରିପୋର୍ଟର ସୁପାରିସଗୁଡ଼ିକୁ ୨୦୨୦ ଏପ୍ରିଲ ମାସରୁ ୨୦୨୫ ମାର୍ଚ୍ଚ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବେ । ଉଲ୍ଲେଖଯୋଗ୍ୟ ଯେ ଚତୁର୍ଦ୍ଦଶ ଅର୍ଥ କମିଶନ ରାଜ୍ୟ ସରକାରଙ୍କ ଟିକସର ଅଂଶକୁ ୪୨ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ସୁପାରିସ କରିବା ପରିପ୍ରେକ୍ଷୀରେ ତାହାକୁ ଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଯଦିଓ ଏହା କେନ୍ଦ୍ରର ଭାଗକୁ ହ୍ରାସ କରିଛି, ତଥାପି ରାଜ୍ୟମାନଙ୍କର ସାମର୍ଥ୍ୟ ବୃଦ୍ଧି କରିବାକୁ ତାଙ୍କ ସରକାର 'ସମସ୍ତଙ୍କ ପାଇଁ ଗୋଟିଏ ମାନଦଣ୍ଡ' ନୀତିରୁ ଦୂରରେ ରହିବାକୁ ନିଷ୍ପତ୍ତି ନେଇଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ ପୂର୍ବରୁ ରାଜ୍ୟମାନଙ୍କର ଟିକସ ଅଂଶ ମାତ୍ର ୩୨ ପ୍ରତିଶତ ଥିଲା । ଏକଥା ସମସ୍ତେ ଜାଣନ୍ତି ଯେ କେନ୍ଦ୍ରୀୟ ଯୋଜନାକୁ ମୋଦିଜୀ ନାପସନ୍ଦ କରନ୍ତି । କିନ୍ତୁ ସମ୍ପ୍ରତି ପଞ୍ଚଦଶ ଅର୍ଥ କମିଶନଙ୍କ ନିମନ୍ତେ ଯେଉଁ ସର୍ତ୍ତାବଳୀଗୁଡ଼ିକ ରଖାଯାଇଛି, ସେଥିରୁ ଜଣାପଡ଼େ ଯେ ରାଜ୍ୟମାନଙ୍କୁ ଅଧିକ ପରିମାଣର ଟିକସ ହସ୍ତାନ୍ତରଣ କେନ୍ଦ୍ର ସରକାରଙ୍କୁ ଆଘାତ ଦେଉଛି ।

ଦେଶର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଟିକସ ବଣ୍ଟନର ହାର ସ୍ଥିର କରିବା ତଥା ଏହା କରିବା ସମୟରେ ୨୦୨୨ ସୁଦ୍ଧା ସରକାରଙ୍କର ନବ ଭାରତ ଗଠନ କରିବାର ସ୍ୱପ୍ନ ସହିତ ବର୍ତ୍ତମାନ ଚାଲୁ ରହିଥିବା କେନ୍ଦ୍ରୀୟ ଯୋଜନାଗୁଡ଼ିକର ଅପରିହାର୍ଯ୍ୟତାକୁ ମଧ୍ୟ କମିଶନ ମନରେ ରଖିବା ପାଇଁ କେନ୍ଦ୍ର ସରକାର କମିଶନଙ୍କୁ ଅନୁରୋଧ କରିଛନ୍ତି । ପରୋକ୍ଷରେ ଏହା ବୁଝାଉଛି ଯେ ରାଜ୍ୟମାନଙ୍କ ଅଂଶ ବାବଦକୁ ପ୍ରଦାନ କରାଯାଉଥିବା ୪୨ ପ୍ରତିଶତ ରାଶିକୁ କମ୍ କରିବାକୁ ସରକାର ଚାହୁଁଛନ୍ତି କାରଣ ଦେଶର ପ୍ରତିରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା, ଭିତ୍ତିଭୂମି କ୍ଷେତ୍ର ଏବଂ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ଅଧିକ ସମ୍ବଳ ଆବଶ୍ୟକ କରୁଛନ୍ତି ଯାହା ସାମ୍ପ୍ରତିକ ଅବସ୍ଥାରେ ସମ୍ଭବପର ହେଉନାହିଁ । ପୁନଶ୍ଚ, ସରକାରୀ ବ୍ୟୟ ତୁଲାଇବାକୁ ରାଜସ୍ୱ ବୃଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବରିଷ୍ଠ ଅଧିକାରୀମାନେ ବାରମ୍ବାର କହି ଆସୁଛନ୍ତି । କିନ୍ତୁ ଏହାକୁ ତୁଲାଇବା ପାଇଁ ରାଜ୍ୟମାନଙ୍କର ୪୨ ପ୍ରତିଶତ ଅଂଶକୁ ହ୍ରାସ କରାଗଲେ କେନ୍ଦ୍ର ସରକାର ଉପରେ ରାଜ୍ୟମାନଙ୍କର ଭରସା ରହିବ ନାହିଁ । କେନ୍ଦ୍ର ସରକାରଙ୍କ ବହୁ କଥିତ ସହଯୋଗଭିତ୍ତିକ ସଂଘୀୟ ବ୍ୟବସ୍ଥାକୁ ସେମାନେ ପ୍ରବଞ୍ଚନା ବୋଲି ଭାବିବେ । ପୁଣି ଜିଏସ୍‌ଟି ଲାଗୁ କରାଯିବା ଦ୍ୱାରା ଏହି ଆହ୍ୱାନ ଅଧିକ ଜଟିଳ ରୂପ ଧାରଣ କରିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଜିଏସ୍‌ଟି ପରିଷଦରେ ଏକାଠି ବସି ଟିକସ ନିର୍ଦ୍ଧାରଣ କରୁଛନ୍ତି । ଜିଏସ୍‌ଟି ଲାଗୁ କରିବା ଦ୍ୱାରା ରାଜ୍ୟମାନେ ଯେଉଁ ରାଜସ୍ୱ କ୍ଷତି ସହିବେ, ୨୦୨୨ ଜୁନ୍ ମାସ ପର୍ଯ୍ୟନ୍ତ କେନ୍ଦ୍ର ସରକାର ସେହି କ୍ଷତିକୁ ଭରଣା କରିବେ ବୋଲି ପ୍ରତିଶ୍ରୁତିବଦ୍ଧ । ତେଣୁ ପଞ୍ଚଦଶ ଅର୍ଥ କମିଶନ ସୂତ୍ରଟିଏ ବାହାର କଲା ବେଳକୁ ତା'ର ଅଧା ସମୟ ଏହା ଭିତରେ ଅତିବାହିତ ହୋଇ ଯାଇଥିବ । କେତେଗୁଡ଼ିଏ ବିଷୟ ଯଥା ଜନସଂଖ୍ୟା ବୃଦ୍ଧିର ହାରକୁ ରୋକିବା, ଅଧିକରୁ ଅଧିକ କ୍ଷେତ୍ରରେ ଜିଏସ୍‌ଟି ଲାଗୁ କରିବା, ରାଜ୍ୟକୁ ଅଧିକ ଇଜ୍ ଅଫ୍ ଡୁଇଂ ବିଜିନେସ୍ ଅଭିମୁଖୀ କରାଇବା ଇତ୍ୟାଦି କ୍ଷେତ୍ରରେ ରାଜ୍ୟମାନେ ଯେଭଳି କର୍ମ କରିବେ, ତଦନୁଯାୟୀ ସେମାନଙ୍କୁ ଆର୍ଥିକ ରାଶି ପ୍ରଦାନ କରାଯିବା ଭଳି ନୀତି ପ୍ରଣୟନ କରିବା ପଞ୍ଚଦଶ ଅର୍ଥ କମିଶନଙ୍କ ପାଇଁ ବାଧ୍ୟତାମୂଳକ ହେବ । ଦେଶର ବିକାଶ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ଆର୍ଥିକ ଶୃଙ୍ଖଳା ଅବଲମ୍ବନ କରାଯିବା କଥା ଶୁଣିବାକୁ ଭଲ ଲାଗିପାରେ । କିନ୍ତୁ ଏଥିପାଇଁ ରାଜ୍ୟମାନଙ୍କ ଉପରେ ଲଗାମ କଷିବା ଯେ ଏକ ବଡ଼ ଆହ୍ୱାନ ସାବ୍ୟସ୍ତ ହେବ, ସେଥିରେ ସନ୍ଦେହ ନାହିଁ । ■

ନ୍ୟାୟ ପାଇଁ ଦେୟ

'ଗରିବ ଲୋକମାନଙ୍କର ମଧ୍ୟ ସମାନ ନ୍ୟାୟ ପାଇବାର ଅଧିକାର ରହିଛି ।' ଗରିବ ନ୍ୟାୟ ପ୍ରାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରାଇ ଦେବା ନିମନ୍ତେ ତାଙ୍କଠାରୁ ପାଉଣା ବା ଫିସ୍ ବାବଦକୁ ଓକିଲମାନେ ଦାବି କରୁଥିବା 'ବିପୁଳ' ପରିମାଣର ଅର୍ଥ ଏବଂ ଓକିଲାତି ପେସାର ବ୍ୟବସାୟକରଣ ମୌଳିକ ଅଧିକାରର ଉଲ୍ଲଙ୍ଘନ ବୋଲି ମଙ୍ଗଳବାର ଦିନ କହିଛନ୍ତି ସୁପ୍ରିମକୋର୍ଟ । ସଙ୍ଗେ ସଙ୍ଗେ କୋର୍ଟ ଓକିଲାତି କ୍ଷେତ୍ରକୁ ନିୟନ୍ତ୍ରଣ କରିବା ସହିତ ଓକିଲମାନଙ୍କ ସେବା ପ୍ରଦାନ ବାବଦକୁ ଦେୟ ବା ପାଉଣା ସୁପାରିସ କରିବା ନିମନ୍ତେ ଏକ ଆଇନ୍ ପ୍ରଣୟନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଓକିଲାତି ଦେୟ ଯୋଗୁଁ ଗରିବମାନେ କିପରି ନ୍ୟାୟ ପାଇବାରୁ ବଞ୍ଚିତ ନହେବେ ଏବଂ ଆଇନ ପେସାର ନୈତିକତା ବଜାୟ ରହି ପାରିବ, ସେଥିପାଇଁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଭିନ୍ନ ଭିନ୍ନ ସମୟରେ ପ୍ରଦାନ କରାଯାଇଥିବା ରାୟ ଏବଂ ଲ' କମିଶନଙ୍କ ସୁପାରିସକୁ ଆଧାର କରି ଏହା କହିଛନ୍ତି ନ୍ୟାୟମୂର୍ତ୍ତି ଆଦର୍ଶ କେ ଗୋଏଲ ଏବଂ ୟୁ ୟୁ ଲଳିତଙ୍କ ଖଣ୍ଡପୀଠ । ଏଥି ସହିତ ମହକିଲମାନେ ପାଉଥିବା କ୍ଷତିପୂରଣ ରାଶିରୁ ଓକିଲମାନେ ଏକ ଅଂଶ ଦାବି କରିବାକୁ ମଧ୍ୟ ଖଣ୍ଡପୀଠ ନାପସନ୍ଦ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆଇନ ପେସା ନିମନ୍ତେ ଏକ ସର୍ବନିମ୍ନ ଓ ସର୍ବାଧିକ ପାଉଣା ଧାର୍ଯ୍ୟ କରିବାକୁ ଲ' କମିଶନ ସୁପାରିସ କରି ସାରିଛନ୍ତି । ୧୯୮୮ରେ କମିଶନ ତାଙ୍କର ୧୩୧ତମ ରିପୋର୍ଟରେ ଏ ସମ୍ବନ୍ଧରେ ଉଲ୍ଲେଖ କରି ସାରିଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ନହୋଇ ଶୀତଳ ଭଣ୍ଡାରରେ ପଡ଼ି ରହିଛି । ସମୟ ଉପଗତ ହୋଇଛି, କେନ୍ଦ୍ର ସରକାର ଏ ବାବଦରେ ତୁରନ୍ତ ପଦକ୍ଷେପ ନେବା ଉଚିତ । ଅନ୍ୟଥା ତେଲେଙ୍ଗାନାର ପତିହରା ବି ସୁନିତାଙ୍କ ଭଳି ଅନେକ ଅସହାୟ ମହିଳା ବା ପୁରୁଷ ନ୍ୟାୟର ଦେୟ ପ୍ରଦାନ କରିନପାରି ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇ ଚାଲିଥିବେ । ■

ସମ୍ପାଦକଙ୍କୁ ପତ୍ର

କୃଷିଶ୍ରମିକ ସଙ୍କଟ !

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । କୃଷି ହିଁ ଅନେକଙ୍କର ବୃତ୍ତି ହୋଇଥିବାବେଳେ, ଏବେ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଶ୍ରମିକ ମିଳିବାରେ ସଙ୍କଟ ଦେଖାଦେଉଛି । ଶ୍ରମିକ ସବୁ ନିର୍ମାଣ କ୍ଷେତ୍ରରେ ନିୟୋଜିତ । ବିଶେଷ କରି ଘର ତିଆରି କାର୍ଯ୍ୟ । ପାରିଶ୍ରମିକ ମଧ୍ୟ ତୁଳନାତ୍ମକ ଭାବେ ଅଧିକ । ବର୍ତ୍ତମାନ ଆମ ରାଜ୍ୟରେ କିଛି ଅଞ୍ଚଳ ଏବଂ ରାଜଧାନୀ ଉପକଣ୍ଠରେ ଚାଷ କାର୍ଯ୍ୟ ପାଇଁ କୃଷି ଶ୍ରମିକ ମିଳିବାରେ ଅସୁବିଧା ଦେଖାଦେଇଛି । ଯେଉଁ କେତେଜଣ ଏଥିପାଇଁ ମହଜୁଦ୍ ଅଛନ୍ତି, ସେମାନଙ୍କ ମଜୁରି ମଧ୍ୟ ଉଚ୍ଚା । ତେବେ, ଏହି ଶ୍ରମିକ ସଙ୍କଟ ଆଗାମୀ ଦିନରେ କୃଷିକାର୍ଯ୍ୟ ସମାପନକୁ କିଭଳି ପ୍ରଭାବିତ କରିବ । ଏବେଠାରୁ ତାହା ଅନୁଭବ କରାଗଲାଣି । ବର୍ତ୍ତମାନ ଧାନ ଅମଳ ମେସିନ୍ ଗହୀର ମଝିରେ । ଚାଷୀ ଜମିରେ ବଡ଼ ବଡ଼ ତମ୍ବୁ ପାରି ଧାନ ଅମଳ କରି ମିତବ୍ୟୟୀ ହେବାକୁ ପ୍ରୟାସ କରିଛି । ଅନ୍ୟ ଅଞ୍ଚଳନର ଚାଷୀ ଭାଇ ଏହି ପ୍ରକ୍ରିୟାକୁ ଅନୁସରଣ କରିବା ଖର୍ଚ୍ଚ କାଟର ବଳିଷ୍ଠ ପଦକ୍ଷେପ ବୋଲି ବିଚାର କରାଯାଏ । ତେବେ ସରକାରଙ୍କ ନିକଟରେ ଖବର ରହିବା ଜରୁରି ଯେ, ଦିନକୁ ଦିନ ଶ୍ରମିକ ଶ୍ରେଣୀ ଲୋକେ କୃଷି କାର୍ଯ୍ୟ ପାଇଁ ବୀତସ୍ପୃହ । ଅନ୍ୟ କାମ ପାଇଁ ସେମାନଙ୍କର ଆଗ୍ରହ । ଭବିଷ୍ୟତ ଅନିଶ୍ଚିତ । ଆଗାମୀ ଦିନରେ ରାଜ୍ୟରେ କୃଷିର ଭବିଷ୍ୟତ ସୁରକ୍ଷିତ ନା ଅନିଶ୍ଚିତ ତାହା ସମୟ ହିଁ ନିର୍ଣ୍ଣୟ କରିଦେବ ।

ମନୋରଞ୍ଜନ ସ୍ୱାଇଁ
ତମାଣ୍ଡୋ, ଭୁବନେଶ୍ୱର

ମହିଳା ଓ ବୃଦ୍ଧ ବ୍ୟକ୍ତିମାନଙ୍କ ଦୁର୍ଦ୍ଦଶା

ମୟୂରଭଞ୍ଜ ଜିଲ୍ଲା ଦେଇ ଲମ୍ବି ଯାଇଥିବା ଜାତୀୟ ରାଜପଥ ୪୯ ଓ ୧୮ର ଅବସ୍ଥା ମରଣଯନ୍ତା ପାଲଟି ଥିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହି ଘଟଣାକୁ କେନ୍ଦ୍ର କରି ମୟୂରଭଞ୍ଜ ବସ ମାଲିକ ସଂଘ ତରଫରୁ ବସ ଚଳାଚଳ ବନ୍ଦ କରା ଯାଇଛି । ଏହା ପ୍ରଶଂସାଯୋଗ୍ୟ । କିନ୍ତୁ ଏବେ ଛୋଟ ଗାଡ଼ିମାନଙ୍କ ପାଇଁ ବିଲେଇ କପାଳକୁ ଶିକା ଛିଡ଼ିଲା ପରି ମନେ ହେଉଛି, କାରଣ ଏମାନଙ୍କର ଚାହିଦା ବହୁତ ବଢ଼ି ଯାଇଛି । ବାଙ୍ଗିରିପୋଷିରୁ ବାରିପଦା ଅଭିମୁଖେ ଯାଉଥିବା ସମସ୍ତ ଛୋଟ ଗାଡ଼ିରେ ଦେଖିବାକୁ ମିଳୁଛି କି ଲୋକେ ଭିତରେ ବାହାରେ ଝୁଲିକି ନିଜ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ଦୁଃଖର ବିଷୟ, ମହିଳା ଓ ବୃଦ୍ଧ ବ୍ୟକ୍ତିମାନେ ଏଥିପାଇଁ ବହୁ ହଇରାଣ ହରକତ ହେଉଛନ୍ତି, କାରଣ ସେମାନେ ଝୁଲିକି ଯାଇପାରୁନାହାନ୍ତି । ତେଣୁ ସେମାନେ ଛକ ଜାଗାମାନଙ୍କରେ ବହୁ ସମୟ ଛିଡ଼ା ହୋଇ ରହୁଛନ୍ତି । ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ବହୁ କଷ୍ଟର ସମ୍ମୁଖୀନ ହେବାକୁ ପଡୁଛି ସେମାନଙ୍କୁ । ବସ୍ ବନ୍ଦକୁ ଲକ୍ଷ୍ୟ କରି ଛୋଟ ଗାଡ଼ିଗୁଡ଼ିକ ସଠିକ୍ ଭଡ଼ାଠାରୁ ଅଧିକ ମାତ୍ରାରେ ଭଡ଼ା ନେଉଛନ୍ତି । ଏଥିପାଇଁ ଦାୟୀ କିଏ ? ଉଚ୍ଚ କର୍ତ୍ତୃପକ୍ଷମାନେ ଏଥିପ୍ରତି ଦୃଷ୍ଟି ଦେବେ କି ?

କପିଳାସ କୁମାର ବେହେରା,
ବାଙ୍ଗିରିପୋଷି

ଏକାନ୍ନବର୍ତ୍ତୀ ପରିବାର ଉଜୁଡ଼ି ଯାଉଛି

ବାପା ମା' କେତେ ଦୁଃଖ କଷ୍ଟରେ ପିଲାମାନଙ୍କୁ ପାଳି ପୋଷି ମଣିଷ କରନ୍ତି । କର୍ମ ସଂସ୍ଥାନ ପାଇଲା ପରେ ବିବାହ କରାଇ ତାଙ୍କର କର୍ତ୍ତବ୍ୟ ଶେଷ କରିଥାନ୍ତି । କିନ୍ତୁ ଅନେକ କ୍ଷେତ୍ରରେ ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରିବା ପରେ ବାପା ମା'ମାନେ ଅଲୋଡ଼ା ହେଇଯାଉଛନ୍ତି । ପରିବାରଠାରୁ ମାନସିକ ନିର୍ଯ୍ୟାତନା ପାଇ କେତେକ ବ୍ୟକ୍ତି ଜରା ନିବାସରେ ବାକି ଜୀବନ କଟାଇବାକୁ ଯାଉଛନ୍ତି । ଚାକିରିରୁ ଅବସର ନେବା ପରେ ପାରିବାରିକ ଜଞ୍ଜାଳ ଦୁର୍ବିସହ ହୋଇପଡୁଛି । ପୁଅ, ବୋହୂ, ନାତି ନାତୁଣୀ ମେଳରେ ନ ରହି ପରିସ୍ଥିତି ଚାପରେ ଜରା ନିବାସରେ ଆଶ୍ରୟ ନେବାକୁ ବାଧ୍ୟ ହେଉଛନ୍ତି । ଆଧୁନିକ ଜୀବନ ଶୈଳୀ ଯୋଗୁ ଅନେକ ଏକାନ୍ନବର୍ତ୍ତୀ ପରିବାର କ୍ରମେ କ୍ରମେ ଭୁଶୁଡ଼ି ପଡ଼ିଲାଣି । ପରିବାରରେ ସୁଖଶାନ୍ତି, ପରସ୍ପର ସ୍ନେହ ମମତାରେ ଆନ୍ତରିକତା ରହୁନାହିଁ । ବାର୍ଦ୍ଧକ୍ୟ ଜୀବନରେ ସାହା ଭରସା ଆଶା ରଖିଥିବା ବାପା ମା' ସାହି ପଡ଼ିଶା ଓ ଜ୍ଞାତି ସ୍ୱଜନମାନଙ୍କୁ ନିରାଶ ହେବାକୁ ପଡୁଛି । ସ୍ୱାର୍ଥ ସର୍ବସ୍ୱ ଦୁନିଆରେ କେହି କାହାର ନୁହନ୍ତି । ବାପା ମା' ପେନସନ ଭୋଗୀ ହେଲେ ମଧ୍ୟ ସାହା ଭରସା ନ ପାଇ ଅନେକ ସମୟରେ ହଇରାଣ ହରକତ ହେଉଛନ୍ତି । ସରକାର ନିର୍ଯ୍ୟାତିତ ବାପ ମା'ମାନଙ୍କୁ ଥଇଥାନ କରିବା ସଙ୍ଗେ ସଙ୍ଗେ ଦିବାଯତ୍ନ କେନ୍ଦ୍ର ସ୍ଥାପନ କରି ସ୍ୱାସ୍ଥ୍ୟ ସେବା ଓ ସୁଷମ ଖାଦ୍ୟ ବ୍ୟବସ୍ଥା କରିବା ଉଚିତ୍ । ଏଥିପାଇଁ ଅର୍ଥ ବାଧକ ହେବ ନାହିଁ । ଏ ଦିଗରେ ପେନସନ୍ ଭୋଗୀମାନେ ଅର୍ଥ ଦେବାକୁ କୁଣ୍ଠାବୋଧ କରିବେ ନାହିଁ । ଅନ୍ୟ ରୋଜଗାର ନଥିବା ବ୍ୟକ୍ତିଙ୍କୁ ସରକାର ସହାୟତା ପ୍ରଦାନ କରିବା ଉଚିତ୍ ।

ନିର୍ମଳ ଚନ୍ଦ୍ର ସାମଲ
ବରିଷ୍ଠ ନାଗରିକ ସଂଘ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର

ପିଲାଙ୍କ ହାତରେ ମୋବାଇଲ୍

ଏବେ ଯେଉଁ ଛାତ୍ରଛାତ୍ରୀଙ୍କୁ ଦେଖିବେ ବିନା ମୋବାଇଲ୍‌ରେ ସେମାନଙ୍କର ସମୟ ବିତୁ ନାହିଁ । ସମସ୍ତଙ୍କଠୁ ଏହି ମୋବାଇଲ ପ୍ରାକୃତିକ ହସ ଛଡ଼ାଇ ନେବାକୁ ବସିଛି । ଆଉ କେତେଦିନ ପରେ ଏମାନେ ମୂକଭଳି ଆଚରଣ କରିବେ । ମୋବାଇଲର ଏତେ କରାମତି ଯେ ସେମାନେ କାହାରିକୁ ବି ଭୁଲିଯାଇପାରିବେ, ମାତ୍ର ମୋବାଇଲକୁ ଛାଡ଼ିବେ ନାହିଁ । ଘଣ୍ଟା ଘଣ୍ଟା ଧରି ତାକୁ ସାଥୀ କରି ମନୋରଞ୍ଜନ କରୁଛନ୍ତି । ଏସବୁଠୁ ଦୂରେଇ ରହିବା ଦରକାର ପଡ଼ିଲାଣି ।

ଦେବଦତ୍ତ ମଳୟ କୁମାର ବରାଳ, ନରସିଂହପୁର, କଟକ

ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ ।

- ସମ୍ପାଦକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', ପ୍ଲଟ୍ ନଂ-୬୮୭/୩୭୪୫, ଏକାମ୍ରକାନନ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫, e-mail: nitidinedit@gmail.com